# ‘ବିଶ୍ୱବ୍ୟାଙ୍କ ଅନୁଦାନ ଅପେକ୍ଷା ପ୍ରବାସୀ ଭାରତୀୟଙ୍କ ଅର୍ଥରେ ଭାରତ ସମୃଦ୍ଧ’

‘ଦି ନିଉୟର୍କ ଟାଇମ୍ସ’ରେ ଓଡ଼ିଶାର ଏକ ଅନୁନ୍ନତ ଗ୍ରାମାଞ୍ଚଳରୁ ଯାଇଥିବା ଜଣେ ଦକ୍ଷ ଅର୍ଥନୀତିଜ୍ଞଙ୍କ ସଂପର୍କରେ ଖବର ସ୍ଥାନ ପାଇବା ପ୍ରବାସୀ ଓଡ଼ିଆମାନଙ୍କୁ ଚକିତ କରିଦେଇଛି । ବଲାଙ୍ଗିର ଜିଲାର ସିନ୍ଧେକେଲାର ଦିଲ୍ଲୀପ ରଥଙ୍କୁ ନେଇ ପ୍ରକାଶିତ ରିପୋର୍ଟ ଏହି ବହୁଳ ପ୍ରସାରିତ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ସ୍ଥାନ ପାଇଥିଲା । ଶ୍ରୀ ରଥଙ୍କ ମତରେ ପ୍ରବାସୀଙ୍କ ଯୋଗୁଁ କିଭଳି ଅର୍ଥନୈତିକ ବିକାଶ ଘଟୁଛି ତାର ଚିତ୍ର ସ୍ପଷ୍ଟ ହେବା ଯୋଗୁଁ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ପ୍ରବାସୀଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି ୪୫ ବର୍ଷ ବୟସ୍କ ଦିଲ୍ଲୀପ ରଥ ।

ଏହି ସମ୍ବାଦପତ୍ର ଶ୍ରୀ ରଥଙ୍କୁ ସମ୍ବାଦପତ୍ରର ଯେଉଁ ସ୍ଥାନରେ ଯେଉଁଭଳି ଭାବେ ସ୍ଥାନ ଦେଇଛି ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ । ଯେଉଁ ପୃଷ୍ଠାରେ ଭାରତର ପ୍ରଧାନମନ୍ତ୍ରୀ କିମ୍ବା ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ସ୍ଥାନ ପାଇପାରିନାହାନ୍ତି ତାହା ଶ୍ରୀ ରଥଙ୍କୁ ମିଳିଛି । ଓଡ଼ିଶାର ପ୍ରଥମ ବ୍ୟକ୍ତି ଭାବେ ଏହି ସୁଯୋଗ ପାଇଛନ୍ତି ଶ୍ରୀ ରଥ ।

ବିଶ୍ୱବ୍ୟାଙ୍କରେ କାର୍ଯ୍ୟରତ ଶ୍ରୀ ରଥ ନିକଟରେ ନିଜ ଗ୍ରାମକୁ ଆସିଥିଲେ- ଯେଉଁ ଗାଁରେ ଦାରିଦ୍ର୍ୟର ଚିତ୍ର କିଛି ପରିମାଣରେ ବଦଳାଇବା ଉଦ୍ୟମ ଅବ୍ୟାହତ ରଖିଛନ୍ତି ଶ୍ରୀ ରଥ । ବିଶ୍ୱ ମାନଚିତ୍ରରେ ପ୍ରବାସୀମାନଙ୍କ ଯୋଗୁଁ କିଭଳି ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳିଛି ଓ ବିକାଶ ସଂଭବ ହୋଇପାରିଛି ସେ ସଂପର୍କରେ ଶ୍ରୀ ରଥ ତାଙ୍କ ରିପୋର୍ଟରେ ଦେଇଥିବା ତଥ୍ୟକୁ ବିଶ୍ୱର ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ମଧ୍ୟ ଗ୍ରହଣ କରିଛନ୍ତି । ଯେତେବେଳେ ପ୍ରବାସୀଙ୍କ କର୍ତ୍ତବ୍ୟବୋଧ ସଂପର୍କରେ ସେ ଚିନ୍ତା କରିଛନ୍ତି ସେତେବେଳେ ସିନ୍ଧେକେଲାର ଚିତ୍ର ତାଙ୍କ ଆଖିଆଗରେ ନାଚି ଉଠିଛି ବୋଲି କହିଛନ୍ତି ଶ୍ରୀ ରଥ । ବିଗତ ୫ ବର୍ଷ ହେଲା ୱାଶିଂଟନସ୍ଥିତ ନିଜ କାର୍ଯ୍ୟାଳୟକୁ ଯିବାବେଳେ ସେ ପ୍ରବାସୀଙ୍କ ଅର୍ଥର ହିସାବକୁ ନେଇ ତର୍ଜମା କରିଚାଲିଛନ୍ତି । ଶେଷରେ ସେ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ବିଶ୍ୱର ପ୍ରଥମ ହିସାବର ମାନ୍ୟତା ପାଇଛି । ପ୍ରବାସୀମାନେ ଯେଉଁ ଅର୍ଥ ନିଜ ବାସଭୂମିକୁ ପଠାଇଥାଆନ୍ତି ତାହା ସରକାରୀ ଅନୁଦାନଠାରୁ ଯଥେଷ୍ଟ ଅଧିକ ବୋଲି କହିଛନ୍ତି ଶ୍ରୀ ରଥ । ପ୍ରାୟ ୩୦୦ ବିଲିୟନ ଟଙ୍କା ପ୍ରତିବର୍ଷ ପ୍ରବାସୀଙ୍କ ଦ୍ୱାରା ନିଜ ଜନ୍ମମାଟିକୁ ଆସିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ସିଧାସଳଖ ବିକାଶ କାର୍ଯ୍ୟରେ ବିନିଯୋଗ ହେଉଥିବାବେଳେ ସରକାରୀ କଳ ମାଧ୍ୟମରେ ଆସୁଥିବା ଅନୁଦାନରେ ବିନିଯୋଗ ଅପେକ୍ଷା ଅପବ୍ୟୟ ପରିମାଣ ଅଧିକ ବୋଲି କୁହାଯାଇଛି ।

ପ୍ରବାସୀମାନେ ସଂପର୍କୀୟ ଓ ଜନ୍ମମାଟିକୁ ପଠାଉଥିବା ଅର୍ଥ କିଭଳି ସହଜରେ ଓ କମ୍ ଖର୍ଚ୍ଚରେ ପହଞ୍ଚାଯାଇ ପାରିବ ସେ ନେଇ ଶ୍ରୀ ରଥ ପ୍ରସ୍ତାବ ଦେଇଛନ୍ତି । ଏହା ବିଦେଶୀ ଅର୍ଥର ତତ୍କାଳ ବ୍ୟବହାରରେ ସହାୟକ ହେବା ସହ ବିକାଶ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରି ପାରିବ । ଶ୍ରୀ ରଥଙ୍କ ଏହି ମନସ୍ତତ୍ତ୍ୱକୁ ପ୍ରଥମେ କେତେକ ଗ୍ରହଣ କରି ପାରିନଥିବାବେଳେ ଏବେ ଏହା ବାସ୍ତବିକ ପ୍ରବାସୀଙ୍କ ନିଜ ରାଷ୍ଟ୍ରର ବିକାଶରେ ସହାୟକ ହୋଇ ପାରୁଥିବା ସ୍ୱୀକାର କଲେଣି ।



ଦାରିଦ୍ର୍ୟକୁ ଅତିନିକଟରୁ ଦେଖିଥିବା ଦିଲ୍ଲୀପ ରଥ କହନ୍ତି ସେ ତାଙ୍କ ପିତା ଓ ପରିବାରଙ୍କ ନିକଟକୁ ପଠାଉଥିବା ଡଲାର ତାଙ୍କ ପାଖରେ କେତେ ମୂଲ୍ୟବାନ୍ ତାହା ସେ ନିକଟରୁ ଦେଖିଛନ୍ତି । ପ୍ରବାସୀଙ୍କ ଦ୍ୱାରା ଅର୍ଥ ପ୍ରେରଣକୁ ସେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ଏହା ସିଧାସଳଖ ପହଞ୍ଚିଥାଏ । ଯେଉଁ କାର୍ଯ୍ୟ ପାଇଁ ଟଙ୍କା ପଠାଯାଏ ସେହି କାର୍ଯ୍ୟରେ ତାହା ବିନିଯୋଗ ହୁଏ । ଅପବ୍ୟୟ ନକରିବାକୁ ପ୍ରେରଣାକାରୀର ତାଗିଦ ଥିବାରୁ ଅର୍ଥର ଉପଯୁକ୍ତ ବିନିଯୋଗ କରାଯାଇଥାଏ । ନିଜ ଦେଶ ଅପେକ୍ଷା ୧୦୦ ଗୁଣ ଅର୍ଥ ବେତନ ଆକାରରେ ପାଉଥିବା ଶ୍ରୀ ରଥ ପ୍ରବାସୀଙ୍କ ଅର୍ଥ ପ୍ରେରଣରେ ଏକାଧିକ ଉନ୍ନୟନ କାର୍ଯ୍ୟ ସଂଭବ ହୋଇପାରୁଥିବା କହନ୍ତି । ବିଦେଶରେ ଥିବାରୁ ଏବଂ ଅଧିକ ଉପାର୍ଜନକ୍ଷମ ହୋଇଥିବା ଦୃଷ୍ଟିରୁ ସେ ଗ୍ରାମରେ ଥିବା ଦୁଇ ଭାଇଙ୍କୁ ଶିକ୍ଷାଦାନ କରିବା ସହ ଚିକିତ୍ସା କାର୍ଯ୍ୟରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରି ଏକ ପୁତୁରାର ଜୀବନ ରକ୍ଷା କରିଥିବା କହନ୍ତି । ବାପାଙ୍କ ପାଇଁ ଏକ ବିରାଟ ଘର ମଧ୍ୟ କରିପାରିଛନ୍ତି ଶ୍ରୀ ରଥ ।

ସିନ୍ଧେକେଲାରେ ପହଞ୍ଚିଥିବା ବେଳେ ପିଲାଦିନର ବନ୍ଧୁଙ୍କଠାରୁ ଆରମ୍ଭ କରି ସମସ୍ତେ ସହାୟତା ମାଗିଥାନ୍ତି । ୭୮ ବର୍ଷ ବୟସର ପିତା ଏକୁଟିଆ ଜୀବନ ବିତାଉଥିବା ନେଇ ଦୁଃଖ ପ୍ରକାଶ କରନ୍ତି । ବଡ଼ ଭଉଣୀ ଅଭିମାନରେ ବଡ଼ ଲୋକ ବୋଲି କହୁଥିବା ବେଳେ ଶିକ୍ଷାନୁଷ୍ଠାନକୁ ତାଙ୍କ ସାହାଯ୍ୟ ବିଦ୍ୟାଳୟରେ ପରିବର୍ତ୍ତନ ସୃଷ୍ଟି କରିଥିବା ଯୋଗୁଁ ଅନେକେ ପ୍ରଶଂସା କରନ୍ତି ।

ବିଶ୍ୱବ୍ୟାପୀ ୨୦୦ ମିଲିୟନ ପ୍ରବାସୀ ରହିଛନ୍ତି । ପ୍ରବାସୀମାନଙ୍କ ଠାରୁ ଆସୁଥିବା ଅର୍ଥର ପରିମାଣ ମଧ୍ୟ ବୃଦ୍ଧି ପାଇଛି । ଭାରତକୁ ୨୭ କୋଟି , ଚୀନକୁ ୨୨କୋଟି ଏବଂ ମେକ୍ସିକୋକୁ ୨୫ କୋଟି ଡଲାର ଯାଇଥାଏ । ଛୋଟ ଛୋଟ ଦେଶଗୁଡ଼ିକ ଏଥିରୁ ଅଧିକ ଫାଇଦା ନେଇଥାନ୍ତି । ସେମାନେ ସେମାନଙ୍କ ଜାତୀୟ ରୋଜଗାରକୁ ୨୦ ପ୍ରତିଶତ ବଢ଼ାଇବାରେ ଏହି ଅର୍ଥ ସହାୟକ ହୋଇଥାଏ । ଖାଦ୍ୟ, ପୋଷାକ ଏବଂ ଉତ୍ସବାଦିରେ ଏହି ଅର୍ଥ ବ୍ୟୟ କରାଯାଉଥିବା ଭାବିବା ଠିକ୍ ନୁହେଁ । ଏହା ବିକାଶ କାର୍ଯ୍ୟରେ ଅଧିକ ବିନିଯୋଗ ହୋଇଥାଏ । ପ୍ରବାସୀଙ୍କ ଅର୍ଥ ପ୍ରେରଣ ପରିବାରର ସଦସ୍ୟଙ୍କ ମନରେ ଅଧିକ ବିଶ୍ୱାସ ମଧ୍ୟ ଆଣିଦେଇଥାଏ ।

ଜାତୀୟସ୍ତରର ହିସାବ ଅନୁଯାୟୀ ଭାରତରେ ମୁଣ୍ଡପିଛା ଆୟ ତୁଳନାରେ ଓଡ଼ିଶାରେ ମୁଣ୍ଡିପିଛା ଆୟ ଏହାର ଅର୍ଦ୍ଧେକ । ଦୁଇ ଦଶନ୍ଧି ତଳେ ସିନ୍ଧେକେଲା ନିକଟବର୍ତ୍ତୀ ଖରିଆର ଦାରିଦ୍ର୍ୟ ପାଇଁ ବିଶ୍ୱ ଦରବାରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା । ଶିଶୁ କନ୍ୟାକୁ ମାତ୍ର ୩ ଡଲାରରେ ବିକ୍ରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ସବୁ ଦେଶରେ । ନିଜ ଗ୍ରାମରେ ଅନେକ କିଛି ଉନ୍ନତି ଘଟିଛି । ମଧ୍ୟବିତ୍ତ ପରିବାରଭାବେ ରହିଥିବା ଶ୍ରୀ ରଥଙ୍କ ପାରିବାରିକ ସ୍ଥିତି ମଧ୍ୟ ବଦଳିଛି । ପିଲାଦିନେ ଶ୍ରୀ ରଥଙ୍କର ଶିକ୍ଷା ଗ୍ରହଣ ପାଇଁ ଥିଲା ବ୍ୟାକୁଳତା । ପିତା ଗୋପାଳ ରଥ ଅମିନ ଭାବେ କାର୍ଯ୍ୟକରୁଥିଲେ, ପରେ ଗ୍ରାମର ପୋଷ୍ଟମାଷ୍ଟର ଦାୟିତ୍ୱ ନେଇଥିଲେ । ବୃତ୍ତି ପାଇ ଶିକ୍ଷା ଗ୍ରହଣ କରିଥିବା ଶ୍ରୀ ରଥ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ । ଏକ ଇଂରାଜୀ ବିଦ୍ୟାଳୟରୁ ଗ୍ରାଜୁଏଟ ଡିଗ୍ରୀ ନେଇ ଆଶା ରଖିଥିବା ଶ୍ରୀ ରଥଙ୍କ ଆଶା ଆଶାରେ ରହିଯାଇଥିଲା । ସମ୍ମାନଜନକ ଇଣ୍ଡିଆନ ଷ୍ଟାଟିଷ୍ଟିକ୍ସ ଇନଷ୍ଟିଚ୍ୟୁଟରୁ ଡାଇରେକ୍ଟ ଡିଗ୍ରୀ ହାସଲ କରିଥିଲେ ।

ଶ୍ରୀ ରଥ ହେଉଛନ୍ତି ସିନ୍ଧେକେଲାର ପ୍ରଥମ ପ୍ରବାସୀ ଓଡ଼ିଆ । ଭାଇ ଆର୍ତ୍ତତ୍ରାଣ ଶେଷ ପ୍ରବାସୀ । କିଛି ବର୍ଷ ଧରି ଘରକୁ ପଇସା ପଠାଇବା ପରେ ଏହାର ବିନିଯୋଗକୁ ନେଇ ଅନୁଧ୍ୟାନ ଓ ତର୍ଜମା କରିଥିଲେ ଶ୍ରୀ ରଥ । ବିଶ୍ୱର ରାଷ୍ଟ୍ରଗୁଡ଼ିକୁ ଯାଉଥିବା ଅନୁଦାନର ତିନିଗୁଣରୁ ଅଧିକ ପ୍ରବାସୀମାନେ ଦେଶକୁ ପଠାଉଥିବା ନେଇ ତାଙ୍କ ସଂଦର୍ଭ ୨୦୦୩ରେ ପ୍ରକାଶ ପାଇଥିଲା । ଏହା ଅର୍ଥନୀତିଜ୍ଞ ମହଲରେ ସୃଷ୍ଟି କରିଥିଲା ଏକ ବିସ୍ଫୋରଣ । ପୃଥିବୀ ମାନଚିତ୍ରରେ ପ୍ରବାସୀଙ୍କ ଅର୍ଥ ପ୍ରେରଣ ସଂପର୍କରେ ସେ ପ୍ରଥମେ ଚିତ୍ର ଆଙ୍କିଥିଲେ । ପ୍ରବାସୀଙ୍କ ଦ୍ୱାରା ହେଉଥିବା ବିକାଶକୁ ରଙ୍ଗିନ ଗୋଲାପ ଭାବେ ଚିତ୍ରଣ କରିଥିଲେ ସେ । ଏହି ଦର୍ଶନ ଓ ବାସ୍ତବତାକୁ ବିରୋଧ କରୁଥିବା ବ୍ୟକ୍ତିମାନେ ମୁଣ୍ଡ ନୁଆଁଇଛନ୍ତି ।

ପ୍ରବାସୀଙ୍କ ଅର୍ଥର ବିନିଯୋଗ ସିଧା ସଳଖ ହେଉଥିବା ଓ ଏଥିପାଇଁ ଅର୍ଥ ପ୍ରେରଣକାରୀ ଓ ଗ୍ରହଣକାରୀଙ୍କ ଉତ୍ତରଦାୟିତ୍ୱ ଥିବା କହିଥିଲେ ଶ୍ରୀ ରଥ; ଯାହା ସରକାରଙ୍କ ଅନୁଦାନ ବ୍ୟୟ ବ୍ୟବସ୍ଥାଠାରୁ ସଂପୂର୍ଣ୍ଣ ଭିନ୍ନ ।

ବ୍ରସଲେସ୍‌ରେ ୧୫୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧି ଏକ ସମ୍ମିଳନୀରେ ଯୋଗ ଦେଇଥିବାବେଳେ ପ୍ରବାସୀଙ୍କ ଅର୍ଥ ପ୍ରେରଣ ପରିମାଣ ସର୍ବୋଚ୍ଚରେ ଥିବା ଉଲ୍ଲେଖ କରାଯାଇଥିଲା । ଆଲୋଚନାରେ ବିସ୍ତୃତଭାବେ ପ୍ରତିନିଧିମାନେ ଏହାକୁ ନେଇ ତର୍ଜମା କରିଥିଲେ । ବିଦେଶରୁ ଯାଉଥିବା ପ୍ରବାସୀଙ୍କ ଅର୍ଥ ଯେଭଳି ସେମାନଙ୍କ ସଂପର୍କୀୟଙ୍କ ନିକଟରେ ପହଞ୍ଚିବା ସହଜସାଧ୍ୟ ହୋଇ ପାରିବ ସେ ନେଇ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଥିଲା । ଅର୍ଥ ବିନିଯୋଗ ପାଇଁ ଅଧିକ କ୍ଷେତ୍ର ପ୍ରସ୍ତୁତ କରାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଅର୍ଥ ପ୍ରେରଣ ବ୍ୟବସ୍ଥା ସହଜ ହୋଇପାରିଲେ ବିକାଶ କାର୍ଯ୍ୟ ମଧ୍ୟ ସହଜ ହେବ ବୋଲି କୁହାଯାଇଥିଲା ।

ଶ୍ରୀ ରଥ ଶିକ୍ଷାଗ୍ରହଣ କରିଥିବା ହାଇସ୍କୁଲର ଶ୍ରେଣୀ ଗୃହ ପାଇଁ ସାହାଯ୍ୟ ଯୋଗାଇ ଦେଉଥିବାବେଳେ ସରକାରୀ ସାହାଯ୍ୟରୁ ବଞ୍ଚିତ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଏବେ ନୂତନ ଦିଗ୍‌ଦର୍ଶନ ପାଇପାରିଛନ୍ତି । ସାନ ଭଉଣୀ ଦିଲ୍ଲୀପଙ୍କ ଯୋଗୁଁ ଜୀବନ ସାର୍ଥକ ହୋଇ ପାରିଥିବା କହନ୍ତି । ଅନେକ ପରିବର୍ତ୍ତନ ଘଟିଛି ଦିଲ୍ଲୀପଙ୍କ ଗ୍ରାମରେ । ପ୍ରବାସୀ ହେବାର ମୂଲ୍ୟ କ'ଣ ସେ ବୁଝିପାରିଛନ୍ତି ଏବଂ ଏକଥା ମଧ୍ୟ ଜାଣିଛନ୍ତି ଯେ ପ୍ରବାସୀ ନହେବା ପାଇଁ ଥିବା ମୂଲ୍ୟ ସଂପର୍କରେ । (ବ୍ୟୁରୋ)

କଟକ ପୁସ୍ତକ
୨୨ରୁ ୩୦ ମାର୍ଚ୍ଚ ୨୦
ବାଲିଯାତ୍ରା ପଡ଼ିଆ (ବାରବାଟୀ ଷ୍ଟା
କଟକ, ଓଡ଼ିଶା
ପ୍ରତିଦିନ ଅପରାହ୍ଣ ୨ଟା ଠାରୁ
ସମସ୍ତ ପ୍ରକାଶନରେ ୧୦%
ପ୍ରବେଶ ନିଃଶୁଳ୍କ
ଆୟୋଜକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ୍,
ସହଯୋଗ: ଓଡ଼ିଶା ପ୍ରକାଶକ ଓ ପୁସ୍ତକ

DEPARTMENT OF BUSINESS ADMI
UTKAL UNIVERSI
VANI VIHAR : BHUBANESWA
UTKAL UNIVERSITY
ADMISSION FO
MBA (AGRI-BUSINESS)